ନାମ → ସୁଧାଂଶୁ ସାହୁ

ଶ୍ରେଣୀ → 9-D

ସ୍କୁଲ ନଂ → 3120

# ପଦ୍ମ

NA8GVZ

● ମଧୁସୂଦନ ରାଓ



ଭକ୍ତକବି ମଧୁସୂଦନ ରାଓ

**କବି ପରିଚୟ :**

ମଧୁସୂଦନ ରାଓ (୧୮୫୩-୧୯୧୨) ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ସ୍ରଷ୍ଟା । ଗୀତିକବିତା, ପ୍ରବନ୍ଧ, ଅନୁବାଦ, ଶିଶୁ ସାହିତ୍ୟର ରଚୟିତା ଭାବରେ ସେ ବିଶେଷ ସମ୍ମାନାସ୍ପଦ । ବ୍ରାହ୍ମଧର୍ମ ଗ୍ରହଣ ପରେ ତାଙ୍କ କବିତାର ଆଙ୍ଗିକ ଦିଗରେ ପରିବର୍ତ୍ତନ ଲକ୍ଷ୍ୟ କରାଗଲେ ମଧ୍ୟ ଉପନିଷଦୀୟ ଭାବଧାରା ତାହା ଭିତରେ ଉପଲବ୍ଧି କରିହୁଏ । ଓଡ଼ିଆ ପ୍ରବନ୍ଧ ଓ ଶିଶୁ ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ । ଈଶ୍ୱର ଭକ୍ତି, ରହସ୍ୟବାଦୀ ଚିନ୍ତାଧାରା ଓ ସର୍ବୋପରି ଜୀବନବାଦୀ ଭାବଧାରା ତାଙ୍କ କବିତାଗୁଡ଼ିକୁ ଚିରନ୍ତନ ମୂଲ୍ୟବୋଧରେ ଋଦ୍ଧିମନ୍ତ କରିଛି । 'କବିତାବଳୀ', 'ଛାନ୍ଦମାଳା', 'କୁସୁମାଞ୍ଜଳି', 'ବସନ୍ତ ଗାଥା', 'ପ୍ରବନ୍ଧମାଳା', 'ବର୍ଣ୍ଣବୋଧ' ଆଦି କୃତି ଓଡ଼ିଆ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଅବଦାନ ।

'ପଦ୍ମ' କବିତାଟିରେ ସୌନ୍ଦର୍ଯ୍ୟବୋଧ ସହିତ ଈଶ୍ୱରାନୁଭୂତି ସମ୍ମିଶ୍ରିତ । ମଣିଷପାଇଁ ଏହା ଏକ ଉତ୍ତରଣର ମାର୍ଗ ପ୍ରଦର୍ଶନ କରିପାରିଅଛି । କବିତାଟି 'ଛାନ୍ଦମାଳା'ର ଅନ୍ତର୍ଗତ ।



## ୧- କବିତାଂଶ

ପଦ୍ମର ଅସଂଖ୍ୟ ସୁଲାବଣ୍ୟ କବିଙ୍କ ପ୍ରାଣରେ ଦିବ୍ୟଚେତନା ସୃଷ୍ଟି କରିଛି। ଏହାର ବିମଳ ଶୋଭା ଶୋଭନକୁ କବି ପ୍ରାଣେ ପ୍ରାଣେ ଅନୁଭବ କରିଛନ୍ତି। ପଦ୍ମକୁ ସେ କୋଟି ସୌନ୍ଦର୍ଯ୍ୟର ଭାବେ ବର୍ଣ୍ଣନା କରି କହିଛନ୍ତି ଯେ ଏହାର ସୁକୋମଳ ରୂପ ର ଦର୍ଶନ କରି କବିଙ୍କ ହୃଦୟ ଅମୃତମୟ ହୋଇ ଉଠୁଛି ଏବଂ ତାଙ୍କ ପ୍ରାଣ ପୁଲକିତ ହୋଇ ଉଠିଛି।

## ୨- କବିତାଂଶ

ଛଳ ଛଳ ଶୋଭା ରଶ୍ମିସ୍ନାତ କମଳ କବିଙ୍କ ପାଇଁ ଅଭିଶୋଭାର ପ୍ରତୀକ। ଏକ ଶାନ୍ତ - ନୀରବ - ଶୋଭାର ମୁହୂର୍ତ୍ତରେ ଛଳ ଛଳ ସୁନୀଳ ନିର୍ମଳ ଜଳ ଓ ଆକାଶର ଉଜ୍ଜ୍ୱଳ ରଶ୍ମି ର ଦର୍ଶନ କରି କବିଙ୍କ ପ୍ରାଣରେ ଏକ ଅପୂର୍ବ ଭାବର ଅଫୁରନ୍ତ ସ୍ଫୁରଣ ଘଟାଉଅଛି।

## ୩- କବିତାଂଶ

ଏଠାରେ କବି ଅନୁଭବ କରିଛନ୍ତି ଯେତେ ସେପରି ରାଜୀବ ତାଙ୍କ ପ୍ରାଣପ୍ରିୟ ପ୍ରିୟ ସୂର୍ଯ୍ୟଙ୍କୁ ଅତି ଭକ୍ତି ଭାବନାରେ ଏକାଗ୍ରତାରେ ଚାହିଁ ରହି ତାଙ୍କ ସାନ୍ନିଧ୍ୟକୁ ପ୍ରାଣେ ଭରି ନିବେଦନ କରିଛନ୍ତି। ସୂର୍ଯ୍ୟଦେବ ମଧ୍ୟ ତାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ନିଜ ପ୍ରାଣପ୍ରିୟାର ମୁଖମଣ୍ଡଳରେ ଦିବ୍ୟ ଅମୃତମୟ କିରଣ ଅଭିଷେକ ଭାବେ ପ୍ରଦାନ କରି ତାଙ୍କୁ ଧନ୍ୟ କରିଛନ୍ତି।

## ୪- କବିତାଂଶ

ପଦ୍ମ ମଧ୍ୟ ଅତି ଆନନ୍ଦରେ ସୂର୍ଯ୍ୟଙ୍କ ଶୁଭ୍ର ଜ୍ୟୋତିଧାରାକୁ ଅମୃତ ଭଳି ଅତି ଭକ୍ତି ଭାବେ ପାନ କରି ଏପରି ନିର୍ବିକାର ସୌନ୍ଦର୍ଯ୍ୟମୟ ତେଜ୍ୟାର ଅଧିକାରିଣୀ ହୋଇପାରିଛି ବୋଲି ଏବଂ ସ୍ୱର୍ଣ୍ଣମୟ ଆଭା ର ଉପଭୋକ୍ତା ହୋଇପାରିଛି ବୋଲି କବି ଏଠାରେ ଅନୁଭବ କରିଛନ୍ତି।

## ୫ - କବିତାଂଶ

ପଦ୍ମର ଅନ୍ତର ଦିବ୍ୟ ସୌରଭର ଭଣ୍ଡାର । ସେହି ହୃଦୟରେ ଅମୃତ ଭରି ରହିଛି ଯାହା ମଧୁଗନ୍ଧରେ ଆମୋଦିତ ମଧୁପ ଦଳ ମଧୁପାନରେ ପ୍ରମତ୍ତ । ପଦ୍ମର ସେହି ପବିତ୍ର ସୁବାସ କବିଙ୍କ ପ୍ରାଣରେ ଶୀତଳତା ଭରି ଦେଉଛି ।

## ୬ - କବିତାଂଶ

ଶ୍ୱେତ- ଲୋହିତ ରଙ୍ଗର ସମ୍ମିଶ୍ରଣରେ ଗଠିତ ପଦ୍ମର ଶରୀର କବିଙ୍କ ହୃଦୟରେ ଦିବ୍ୟଚେତନା ସୃଷ୍ଟି କରିଛି । ତେଣୁ କବି କହିଛନ୍ତି ଯେ ପଦ୍ମ ସଂସାରର ସବୁ ଶୋଭା, ପ୍ରଶଂସାର ଉପମାସ୍ଥଳି । ତେଣୁ କବି ବାରମ୍ବାର ତା' ରୂପ ଦର୍ଶନରେ ବିଭୋର ହେବାକୁ ଇଚ୍ଛା କରିଛନ୍ତି ।

## ୭ - କବିତାଂଶ

କମଳର ଅନ୍ତରରେ ଭରା ଅମୃତ ରସରେ କବି କରୁଣା, ଭକ୍ତି ଓ ସ୍ନେହ ର ତ୍ରିବେଣୀ ସଙ୍ଗମ ଲକ୍ଷ୍ୟ କରିଛନ୍ତି, ତେଣୁ ତା'ର ଦର୍ଶନରେ କବି ହୃଦୟରେ ବିମଳ ଶାନ୍ତ ଭାବନା ପରିପୂର୍ଣ୍ଣ ହୋଇ ଉଠିଛି ।

## ୮ - କବିତାଂଶ

ଭଗବାନଙ୍କ ବରରେ ସଂସାରର ସମସ୍ତ ପବିତ୍ର, ମଧୁମୟ ଓ ମନୋହର ବସ୍ତୁ ସହ ପଦ୍ମର ନାଁ ସମ୍ପର୍କିତ ରହିଛି । ତେଣୁ ଶ୍ରୀଭଗବାନର ମୁଖ, ଲୋଚନ, ହସ୍ତ, ଚରଣ ସହ ପଦ୍ମର ନାମ ସଂଯୋଜିତ ହୋଇଥିବାରୁ ତାହା ଆନନ୍ଦ ଏବଂ ସୁଖ ପ୍ରଦାୟକ ହୋଇଥାଏ ।





## ୯ - କବିତାଂଶ

ପଦ୍ମର ନାମ ସଂସାରର ସମସ୍ତ ପବିତ୍ର ବସ୍ତୁ ସହ ସଂଯୋଜିତ ହେବାରୁ ସତ୍ୟ-ଶିବ- ସୁନ୍ଦର ପରମେଶ୍ୱର ଙ୍କ ହସ୍ତପାଦାଦି ସହ ଆତ୍ମୀୟ ନାମକୁ ସଂଯୋଜିତ କରି ଭକ୍ତ ଭାବାବେଗରେ ତନ୍ମୟ ହୁଏ । ସେହି କାରଣରୁ ଭକ୍ତମନର ପଦ୍ମ ଅତି ପ୍ରିୟ ଓ ପବିତ୍ର ପୁଷ୍ପ ।

## ୧୦ - କବିତାଂଶ

ପଦ୍ମ ହେଉଛି ସଂସାରର ସର୍ବ ଶୋଭାର ନିଦର୍ଶନ । କବିଙ୍କ ମତରେ ତାଙ୍କ ଓ ପଦ୍ମ ଫୁଲର ମଧ୍ୟରେ ଅତି ନିବିଡ଼ ଯୋଗ ଅଛି । ତେଣୁ ଜୀବନ ଓ ମୃତ୍ୟୁରେ ଦିବାନିଶି ତାଙ୍କ ସହ ସଂଯୋଗ ରକ୍ଷା କରିବାର କବି ଙ୍କ ମନରେ କାମନା ଜାଗ୍ରତ ହୋଇଛି ।

## ୧୧ - କବିତାଂଶ

କବି କହିଛନ୍ତି ଯେ ସବୁ ମନୁଷ୍ୟ ଜାତି କଳୁଷିତ ଏବଂ ଅର୍ଥାତ କାମ, କ୍ରୋଧ , ଲୋଭ, ମୋହ, ମାୟା ରେ ମଳିନ ହୋଇଯାଇଛି ଏବଂ ନିଜ ପବିତ୍ରତା ରକ୍ଷା କରିବାରେ ଅସମର୍ଥ ହୋଇଛି । ଠିକ୍ ପର ମୁହୂର୍ତ୍ତରେ ପଦ୍ମ ର ଜନ୍ମ ମଧ୍ୟ ପଙ୍କରୁ କିନ୍ତୁ ସେ ନିଜର ପୂର୍ଣ୍ଣ ସମର୍ପଣ ଭାବ ଓ ସାଧନା ଓ ଭକ୍ତି ଦ୍ୱାରା ବିଷ୍ଣୁ ଆଶୀର୍ବାଦ ପ୍ରାପ୍ତ କରିଛି ଓ ପବିତ୍ରତା ହାସଲ କରିଛି । ତେଣୁ ମଣିଷ ମଧ୍ୟ ନିଜକୁ ପରଂବ୍ରହ୍ମ ଓ ମହେଶ୍ୱର ଙ୍କ ପାଖରେ ସମର୍ପିତ କରି ବିଷ୍ଣୁପାଦ ଲାଭ କରିପାରିବେ ବୋଲି ତାଙ୍କ ପରାମର୍ଶ -ପଦ୍ମ ଦ୍ୱାରା ଆମେ ପଙ୍କଜ ପରି ପବିତ୍ର ହୋଇପାରିବା ।

## ୧୨ - କବିତାଂଶ

ବିଶ୍ୱନିୟନ୍ତାଙ୍କ ନିକଟରେ ସମର୍ପିତ ହୋଇ ତାଙ୍କ ସ୍ତୁତି ସଦା ଉଚ୍ଚାର୍ଯ୍ୟ ରହିବାକୁ ପଦ୍ମ କବିଙ୍କୁ ପ୍ରେରଣା ପ୍ରଦାନ କରିଛନ୍ତି । ଏହା ମହାନ୍ ବ୍ରତ କବି ପଦ୍ମଠାରୁ ଶିକ୍ଷା କରିଛନ୍ତି ଓ ସମସ୍ତଙ୍କୁ ଆପଣେଇବାର ପରାମର୍ଶ ଦେଇଛନ୍ତି


THANK
YOU